


# ଚିତ୍ରକୁ ଚିହ୍ନିବା

ହାତୀ, ହରିଣ, କୁକୁଡ଼ା ଓ ମାଙ୍କଡ଼ ସାଙ୍ଗ ହୋଇ ବଣରେ ରହୁଥିଲେ। ନଈ ସେପଟ ଫଳ ବଗିଚାରେ ଥିବା ଛନଛନିଆ ଘାସ ଓ ସୁଆଦିଆ ଫଳ ଖାଇବାକୁ ମନ କଲେ ସେମାନେ। ନଈ ପାରି ହୋଇ ଚାଲିଲେ ବଗିଚାକୁ। ବଗିଚାରେ ମିଳିମିଶି ଫଳ ଖାଇଲେ। ସଭିଏଁ ଖୁସ୍।



- କେଉଁ ପଶୁ କେଉଁ ବାଟେ ଯାଇଛି, ଉପର ଚିତ୍ରରୁ କହିପାରିବ କି ?
  କାହାର ପାଦ ଚିହ୍ନ କେଉଁଟି ? ତୁମ ସାଙ୍ଗକୁ କହ।
- ଚଟାଣରେ ତୁମ ସାଙ୍ଗର ପାଦ ଚିହ୍ନ ତିଆରି କର। ଏହା ତୁମର ପାଦଚିହ୍ନ ଠାରୁ ଅଲଗା କି ?


**ଆସ ଆଙ୍କିବା :**




- ଗୋଟିଏ ପତ୍ର ନିଅ ।
- ପତ୍ରଟିକୁ ଧଳା କାଗଜ ଉପରେ ଥୋଇ, ତା' ଚାରି ପାଖ ଧାରରେ ପେନ୍‌ସିଲ୍‌ରେ ଗାର ଟାଣ । ପତ୍ରଟିକୁ ଉଠାଇ ନିଅ ।
- ଏବେ ତୁମ ସାଙ୍ଗକୁ ପଚାର, ଏହା କେଉଁ ଗଛର ପତ୍ର ?
- ଏହିପରି ତୁମେ ବିଭିନ୍ନ ପ୍ରକାରର ପତ୍ର ନେଇ ଭିନ୍ନ ଭିନ୍ନ ଆକୃତିର ଚିତ୍ର ପାଇବ । ତୁମ ଖାତାରେ ବିଭିନ୍ନ ଗଛର ପତ୍ର ଥୋଇ ଆକୃତି ତିଆରି କର । ପ୍ରତ୍ୟେକ ଆକୃତି ତଳେ କେଉଁ ଗଛର ପତ୍ର ଲେଖ ।
- ଆସ, ଆଉ କେତୋଟି ଜିନିଷର ଚିତ୍ର ତିଆରି କରିବା –
  ଦିଆସିଲି ଖୋଳ, ସ୍କେଲ୍, ଲୁଡୁଗୋଟି, ବୋତଲ ଠିପି, ଶାମୁକା, ପତାକା, ଏକ ଟଙ୍କିଆ ଓ ପାଞ୍ଚ ଟଙ୍କିଆ ମୁଦ୍ରା ସଂଗ୍ରହ କର । ପ୍ରତ୍ୟେକ ଜିନିଷକୁ ଥୋଇ ତା' ଧାରରେ ଗାର ଟାଣି ଚିତ୍ର ତିଆରି କର ।

ତୁମେ ଯେଉଁସବୁ ଚିତ୍ର ତିଆରି କରିଛ ସେଗୁଡ଼ିକର ଆକୃତିକୁ ଦେଖ । ତଳେ ଦିଆଯାଇଥିବା ଆକୃତି ଭଳି ସେଗୁଡ଼ିକ ଦେଖାଯାଉଛି କି ?


ତୁମେ ତିଆରି କରିଥିବା କେଉଁ କେଉଁ ଜିନିଷର ଆକୃତି ସହ ତଳେ ଦିଆଯାଇଥିବା ଆକୃତି ସମାନ ହେଉଛି, ଲକ୍ଷ୍ୟକର ।



କେଉଁ କେଉଁ ଜିନିଷକୁ ଥୋଇ ତା'ର ଧାରରେ ଗାର ଟାଣିଲେ ତୁମେ ନିମ୍ନ ଆକୃତିଗୁଡ଼ିକ ପାଇବ, ସେହି ଆକୃତି ତଳେ ଲେଖ ।



- ସମାନ ଆକୃତି ବିଶିଷ୍ଟ ଚିତ୍ରଗୁଡ଼ିକରେ ଗୋଟିଏ ପ୍ରକାର ରଙ୍ଗ ଦିଅ ।




- କେଉଁ ଆକୃତିରେ ବଙ୍କାଗାର ଅଛି, ତା'ଉପରେ (✓) ଚିହ୍ନ ଦିଅ ।
- ଯେଉଁ ଆକୃତିଗୁଡ଼ିକ ସିଧାଗାରରେ ତିଆରି, ତା'ଉପରେ (✗) ଚିହ୍ନ ଦିଅ ।
- କେତୋଟି ଆକୃତିରେ ତିନୋଟି ସିଧାଗାର ଅଛି ?
- କେତୋଟି ଆକୃତି ୪ଟି ସିଧାଗାରରେ ତିଆରି ?

**ଶିକ୍ଷକଙ୍କ ପାଇଁ ସୂଚନା :** ଉପର ଆକୃତିଗୁଡ଼ିକରେ ଥିବା ସାମଞ୍ଜସ୍ୟ ଓ ପାର୍ଥକ୍ୟକୁ ପିଲାମାନଙ୍କ ସହ ଆଲୋଚନା କରିବେ । ଯଥା - ବଙ୍କାଗାରରେ ତିଆରି, ସିଧାଗାରରେ ତିଆରି, କେଉଁଥିରେ କେତୋଟି ସିଧାଗାର ଅଛି ଇତ୍ୟାଦି ।

## ସୀମାର କାଗଜ କଟା

ସୀମା କାଗଜ କାଟି △, □, ▭, ○, ⬭ ଆକୃତି ସବୁ ତିଆରି କଲା । ପ୍ରତ୍ୟେକ ଆକୃତିରୁ ଅନେକଗୁଡ଼ିଏ ତିଆରି କରି ସେଗୁଡ଼ିକୁ ଯୋଡ଼ି ଚିତ୍ର ତିଆରି କଲା । ସେଗୁଡ଼ିକୁ ଦେଖ ।




(କ) (ଖ) (ଗ) (ଘ) (ଙ) (ଚ)

- ଚିତ୍ର ଦେଖି କେଉଁ ଆକୃତିରୁ କେତୋଟି ଲେଖାଏଁ ଅଛି ଲେଖ ।


| ଚିତ୍ରସଂଖ୍ୟା | △ | ○ | ▭ | ⬭ |
|---|---|---|---|---|
| କ | | | | |
| ଖ | | | | |
| ଗ | | | | |
| ଘ | | | | |
| ଙ | | | | |
| ଚ | | | | |

# ଅଭ୍ୟାସ କାର୍ଯ୍ୟ


୧. ସମାନ ସମାନ ଆକୃତିକୁ ଗାର ଟାଣି ଯୋଡ଼ ।



୨.



ଉପର ଚିତ୍ରରେ କେଉଁ ଆକୃତିରୁ କେତୋଟି ଅଛି ଗଣି ଲେଖ ।

 ...............ଟି  ...............ଟି

 ...............ଟି  ...............ଟି


ଉପର ଚିତ୍ରଭଳି ଚିତ୍ରଟିଏ ଖାତାରେ ତିଆରି କର ।

୩.



ଉପର ଆକୃତିଗୁଡ଼ିକୁ ତଳେ ଥିବା ଖାଲି ଜାଗାରେ କର ।


୪. କେଉଁ କେଉଁ ଜିନିଷ ନେଇ ତଳ ଆକୃତିଗୁଡ଼ିକ ତିଆରି କରି ପାରିବ ?

| ଆକୃତି | ଜିନିଷର ନାମ |
|---|---|
|  | |
|  | |
|  | |
|  | |

୫. ବିଦ୍ୟାଳୟରେ ଓ ବିଦ୍ୟାଳୟ ବାହାରେ କେଉଁ କେଉଁ ଜିନିଷରେ ତଳ ଆକୃତିଗୁଡ଼ିକ ଥିବାର ଦେଖିଛ ?


| ଆକୃତି | ଜିନିଷର ନାମ |
|---|---|
|  | |
|  | |
|  | |
|  | |

୬. ସମାନ ଆକୃତିଗୁଡ଼ିକୁ ଯୋଡ଼ ।



୭.  ଓ  ଆକୃତି ବ୍ୟବହାର କରି ଉପରେ ଦିଆଯାଇଥିବା ଭଳି ଆଉ କେତୋଟି ଚିତ୍ର ତିଆରି କର ।

୮. △ ଆକୃତିକୁ ସବୁଜ ରଙ୍ଗ, ⬭ ଆକୃତିକୁ ଲାଲ ରଙ୍ଗ ଓ ▭ ଆକୃତିକୁ ହଳଦିଆ ରଙ୍ଗ ଦିଅ।



୯.



(କ) ମାଙ୍କଡ଼ ମୁହଁରେ ▬ ଆକୃତିର ଚଷମା ଲଗାଅ।

(ଖ) ବାଘ ଚିତ୍ରରେ ⋈ ଆକୃତିର ନିଶ ତିଆରି କର ।

(ଗ) ଝିଅଟିର ଚିତ୍ରରେ ● ଆକୃତିର ଟିକିଲି ଓ କାନରେ ପିନ୍ଧିବା ପାଇଁ କାନଫୁଲ ତିଆରି କର।

(ଘ) ପୁଅଟିର ଚିତ୍ରରେ ■ ଆକୃତିର ମୁହଁ ତିଆରି କର।